# ଛାତ୍ର ବିଜେଡିର ଉପସଭାପତି ହେଲେ ତବରେଜ



**କଟକ,୩୦।୧୨(ସମିସ):** ବିଜୁ ଜନତା ଦଳର ସାଂଗଠନିକ କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତା ତାଲିକା ଘୋଷଣା କରାଯାଇଛି। ଏହିକ୍ରମରେ ତବରେଜ୍ ଖାନଙ୍କୁ ଦଳର ରାଜ୍ୟ ଉପସଭାପତି ଭାବେ ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ଏହି ନୂତନ ନିଯୁକ୍ତି ପରେ ତବରେଜ୍ ଗଭୀର ଆନନ୍ଦ ପ୍ରକାଶ କରିବା ସହ ଦଳୀୟ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଶେଷ କରି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଂସଦ ମୁନା ଖାଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏବଂ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହଯୋଗ ପାଇଁ ତବରେଜ୍ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ରାଜ୍ୟ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଓଡ଼ିଶାର କୋଣ ଅନୁକୋଣରେ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ସେ ସଂକଳ୍ପ ନେଇଛନ୍ତି। ବିଜୁ ବାବୁଙ୍କ ନୀତି ଏବଂ ନବୀନ ବାବୁଙ୍କ ବିକାଶର ବାର୍ତ୍ତାକୁ ଛାତ୍ର ସମାଜ ମଧ୍ୟରେ ପହଞ୍ଚାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସେ ପ୍ରକାଶ କରିଛନ୍ତି।

■ ମା' ଯୋଗେଶ୍ୱରୀ କପ କ୍ରିକେଟ ପ୍ରତିଯୋଗିତା

# ଫାଇନାଲରେ ଶିମିଳିପାଟଣା



**ତିଗିରିଆ,୩୦।୧୨(ସମିସ):** ତିଗିରିଆ ବ୍ଲକ ଅଧୀନ ଗୋଡିଝରିଆ ଗ୍ରାମର ମା ଯୋଗେଶ୍ୱରୀ କ୍ଲବ ତରଫରୁ ଅନୁଷ୍ଠିତ ୨୫ ତମ ମା ଯୋଗେଶ୍ୱରୀ କପ କ୍ରିକେଟ ପ୍ରତିଯୋଗିତାର ଆଜି ପ୍ରଥମ ସେମିଫାଇନାଲ ମ୍ୟାଚରେ ଧୀରପାଟଣା କ୍ରିକେଟ କ୍ଲବକୁ ୩ ୱିକେଟରେ ପରାସ୍ତ କରି ଶିମିଳିପାଟଣା କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଧୀରପାଟଣା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲେ। ଜବାବରେ ଶିମିଳିପାଟଣା ମାତ୍ର ୭ଟି ୱିକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ମାନସ ରଞ୍ଜନ ବସ୍ତିଆ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଶିମିଳିପାଟଣା ଦଳର ଖେଳାଳୀ ବିଜୁ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ସଂଗ୍ରାମ ବେହେରା ଓ ମିଟୁ ସାହୁ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଶ୍ରମିକ ନେତାଙ୍କ ପରଲୋକ

**କଟକ,୩୦।୧୨(ସମିସ):** କଟକ ଜିଲ୍ଲାର ବିଶିଷ୍ଟ ଶ୍ରମିକ ନେତା ତଥା ସିପିଆଇର ବରିଷ୍ଠ କର୍ମକର୍ତ୍ତା ଦୁଃଖୀଶ୍ୟାମ ରାଉତଙ୍କ ବିୟୋଗ ହୋଇଛି। ବାଲିଝରୀ ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘର ସଭାପତି ଭାବେ କାର୍ଯ୍ୟରତ ୮୪ ବର୍ଷୀୟ ଶ୍ରୀ ରାଉତ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦଶନ୍ଧି ଧରି ବିଡ଼ି ଶ୍ରମିକମାନଙ୍କ ଜୀବନ ଜୀବିକା ଓ ଅଧିକାର ପାଇଁ ସଂଗ୍ରାମ କରି ଆସୁଥିଲେ। ତାଙ୍କର ପାର୍ଥିବ ଶରୀର ପୈତୃକ ଗ୍ରାମ ବାଲିଝରୀକୁ ନିଆଯିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସିପିଆଇ ଆଞ୍ଚଳିକ କମିଟି ସମ୍ପାଦକ ମନ୍ଦର ନାୟକଙ୍କ ସମେତ ବହୁ ସାଥୀଙ୍କ ଉପସ୍ଥିତିରେ ଏକ ବିଶାଳ ଶବ ଶୋଭାଯାତ୍ରା ଗ୍ରାମ ଶ୍ମଶାନ ଅଭିମୁଖେ ବାହାରିଥିଲା। ଶ୍ମଶାନରେ ତାଙ୍କର ବଡ଼ ପୁଅ ସୁଶାନ୍ତ ରାଉତ ମୁଖାଗ୍ନି ଦେଇଥିବା ବେଳେ ପରିବାରର ଅନ୍ୟ ସଦସ୍ୟ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର ଓ କିଶୋର ଜେନାଙ୍କ ଭଳି ବହୁ ଶ୍ରମିକ ନେତା ଶୋକ ପ୍ରକାଶ କରିଛନ୍ତି।



# ଗାଡ଼ି ଧକ୍କାରେ ଦୁଇ ଗୁରୁତର

**ଟାଙ୍ଗୀ,୩୦ ।୧୨(ସମିସ):** ଟାଙ୍ଗୀ ଥାନା କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଟାଙ୍ଗୀ କପିଳାସ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ମଙ୍ଗଳବାର ରାତି ୮ଟା ସମୟରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦୁଧିଆନାଳୀ ଗ୍ରାମର ଢିପସାହିର ଜାଗରି ତିରିଆ ଏବଂ ବାଇଧର ତିରିଆ। ଟାଙ୍ଗୀରୁ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣା ହୋଇଥିଲା। ଟାଙ୍ଗୀ ଥାନା ଆମ୍ବୁଲାନ୍ସ ମାଧ୍ୟମରେ କଟକ ମେଡ଼ିକାଲକୁ ପଠାଇଥିଲେ। ତଦନ୍ତ ପରେ ସଠିକ ତଥ୍ୟ ଆସିପାରିବ ବୋଲି ଥାନାଧିକାରୀ ଡ ବିକାଶ ସେଠୀ ଜଣାଇଛନ୍ତି।

## ନକଲି ଡାକ୍ତରଙ୍କ ଦ୍ୱାରା ରୋଗୀ ଶୋଷଣ ଘଟଣା

# ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ରାଜ୍ୟପାଳ

**ନିଶ୍ଚିନ୍ତକୋଇଲି,୩୦।୧୨(ସମିସ):**

ନିଶ୍ଚିନ୍ତକୋଇଲି ଥାନା କଟିକଟା ବଜାରରେ ଥିବା ଟୁକୁନା ମେଡିସିନ୍ ଷ୍ଟୋରରେ ବହୁ ଦିନ ଧରି ଏକ ନକଲି ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇ ତାଙ୍କ ଚିଠା ଦ୍ୱାରା ଔଷଧ ବିକ୍ରୟ କରି ରୋଗୀମାନଙ୍କୁ ଶୋଷଣ କରାଯାଉଥିବା ସଂକ୍ରାନ୍ତରେ ଏ ଅଞ୍ଚଳର ଜନସାଧାରଣମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଔଷଧ ନିୟନ୍ତ୍ରଣ ନିର୍ଦ୍ଦେଶକ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ ଏବଂ କଟକ ଜିଲ୍ଲାପାଳଙ୍କ ନିକଟରେ ତା.୧୮.୦୯.୨୦୨୫ ରିଖରେ ଅଭିଯୋଗ କରିଥିଲେ। ହେଲେ ଅଦ୍ୟାବଧି ଏହି ଅଭିଯୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଔଷଧ ନିୟନ୍ତ୍ରଣ ବିଭାଗ ନାମକୁ ମାତ୍ର ତଦନ୍ତ କରି ଉକ୍ତ ରିପୋର୍ଟକୁ ପର୍ଦ୍ଦାଫାସ୍ ନ କରି ଫାଇଲ ଭିତରେ ରଖିଦେଇଥିବା ଜଣାଯାଇଛି। ଇତିମଧ୍ୟରେ ଗତ ତା.୬.୧୨.୨୦୨୫ ରିଖରେ ଉକ୍ତ ଅଭିଯୋଗକୁ ଭିତ୍ତିକରି ରାଜ୍ୟପାଳଙ୍କର ସ୍ୱତନ୍ତ୍ର ସଚିବ ବି.ଭି. ମିଶ୍ର ପତ୍ର ସଂଖ୍ୟା ପିଏଲ୍-୪୯/୨୦୨୫/୧୩୫୦୬ ରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଏହି ରିପୋର୍ଟକୁ ଜିଲ୍ଲାପାଳ ଓ ଅଭିଯୋଗକାରୀଙ୍କ ମଧ୍ୟରେ ମୁଖ୍ୟ ଥିବା ଅସୀତ୍ କୁମାର ସାମଲଙ୍କୁ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳଙ୍କ ନିର୍ଦ୍ଦେଶ ଦେବାର ୨୫ ଦିନ ବିତିଯାଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ତଦନ୍ତ କରାଯାଇ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନକଲି ଡାକ୍ତରଙ୍କ ପରାମର୍ଶରେ ନକଲି ଔଷଧ ଦେଇ ରୋଗୀମାନଙ୍କୁ ଶୋଷଣ କରି ତାଙ୍କ ଜୀବନ ସହିତ ଖେଳ ଖେଳୁଥିବା ଭଳି ସମ୍ବେଦନଶୀଳ ଘଟଣାକୁ ଖୋଦ୍ ରାଜ୍ୟପାଳ ଗୁରୁତର ସହ ନେଉଥିଲା ବେଳେ ଜିଲ୍ଲାପାଳ କ'ଣ ପାଇଁ ଏହାର ତଦନ୍ତ କରୁନାହାନ୍ତି ସେ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଅପରପକ୍ଷରେ ଏହି ମେଡିସିନ ଷ୍ଟୋରରେ ଯେଉଁ ଡାକ୍ତର ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରୁଥିଲେ ପ୍ରକୃତରେ ସେ ଅସଲି କି ନକଲି ଡାକ୍ତର ତାହା ମଧ୍ୟ ପର୍ଦ୍ଦାଫାସ୍ ନ ହେବାରୁ ଲୋକମାନଙ୍କ ମଧ୍ୟରେ ରହିଥିବା ସନ୍ଦେହ ଦୂର ହୋଇପାରୁନାହିଁ। ଏହି ମେଡିସିନ ଷ୍ଟୋରରେ ସଂପୃକ୍ତ ଡାକ୍ତରଙ୍କ ଲଗାଯାଇଥିବା ନାମଫଳକ ପୋଷ୍ଟରକୁ କାଢି ଦିଆଯାଇଥିବା ବେଳେ ଅଭିଯୋଗପରେ ଏଠାକୁ ଆଉ ସେ ଡାକ୍ତର ଆସୁ ନ ଥିବା ଦେଖାଯାଇଛି। ତୁରନ୍ତ ଜିଲ୍ଲାପାଳ ଏହାକୁ ଗୁରୁତ୍ୱ ଦେଇ ସଂପୃକ୍ତ ମେଡିସିନ ଷ୍ଟୋରର କାଗଜପତ୍ର ଏବଂ ସେଠାକୁ ଚିକିତ୍ସା କରିବାକୁ ଆସୁଥିବା ଡାକ୍ତରଙ୍କ ରେକର୍ଡପତ୍ର ତଦନ୍ତ କରି ସତ୍ୟାସତ୍ୟ ଘଟଣା ପର୍ଦ୍ଦାଫାସ୍ କରିବା ପାଇଁ ଦାବି ହୋଇଛି।

# ସୌର ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



**କଟକ,୩୦।୧୨(ସମିସ):** କଟକ ସହରସ୍ଥିତ ରାଉସାପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ ସୌର ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ଉତ୍ସବରେ ଇଷ୍ଟ କୋଷ୍ଟ ରେଲୱେ ବୋର୍ଡର ସଦସ୍ୟ ଡକ୍ଟର ରଞ୍ଜନ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଡଭୋକେଟ ଲିଙ୍ଗରାଜ ହାତୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ମୁରବୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଗହଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏସ.କେ. ୱାସିବ ଉଲ୍ଲାଙ୍କ ସମେତ ଅଧିକାରୀ ଅତୁଲ ଚନ୍ଦ୍ର ନନ୍ଦୀ, ମହନ୍ତ ଅଶୋକ ଦେ ଏବଂ ମହାଦେବ ପୂଜା କମିଟିର ସଭାପତି ବସନ୍ତ ସେନ୍ ଉପସ୍ଥିତ ଥିଲେ। ଏଥିସହିତ ସ୍ଥାନୀୟ ବିଭିନ୍ନ ପୂଜା କମିଟି ଓ ଯୁବକ ସଂଘର କର୍ମକର୍ତ୍ତା ଯଥା ଇଂ ଜ୍ୟୋତିଷ ଦାସ, ଚନ୍ଦନ ସେନ୍, ନାରାୟଣ ଦାସ, ଅଶୋକ ଦାସ ଏବଂ ସମାଜସେବୀ ଅମରେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଜଙ୍ଗଲୀ ହାତୀଙ୍କ ଉପଦ୍ରବରେ କଦଳୀ ବଗିଚା ନଷ୍ଟ

**ନରସିଂହପୁର,୩୦।୧୨(ସମିସ):** ଦକ୍ଷିଣ ବନଖଣ୍ଡ ବଡ଼ ମୁଣ୍ଡିଆ ବନାଞ୍ଚଳରେ ଥିବା ବାଲିସାହି ଗ୍ରାମ ପଞ୍ଚାୟତ ବାଲିସାହି ଗ୍ରାମରେ ଗତ ବିଳମ୍ବିତ ରାତ୍ରରେ ଏକ ୭ଟିକିଆ ଜଙ୍ଗଲୀ ହାତୀପଲ ଆସି ଲଡୁଆ ପ୍ରଧାନଙ୍କ କଦଳୀ ବଗିଚା ନଷ୍ଟ କରି ଦେଇଛନ୍ତି। ଏହି ଜଙ୍ଗଲୀ ହାତୀପଲ ମିଟିକାପୁର ବନାଞ୍ଚଳରେ ଦୀର୍ଘ ୧ ମାସ ଧରି ଆତଙ୍କ ସୃଷ୍ଟି କରୁଥିବା ବେଳେ ଗତ ରାତ୍ରରେ ବାଲିସାହି ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏକର ଏକର ଚାଷଜମି ହାତୀ ଉପଦ୍ରବ କଳାପରେ ମଧ ବନ ବିଭାଗର ତତ୍ପରତା ଦେଖିବାକୁ ମିଳୁନି। ଏମିତିକି ସଠିକ ପାଟ୍ରୋଲିଂ ନ ହୋଇ ହାତୀର ଗତିବିଧିକୁ ଅନୁଧ୍ୟାନ ନ କରି ନିରବ ରହୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀକୁ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ସହ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି ହେଉଛି।



# କୈଳାଶ ଚନ୍ଦ୍ର ସାହୁ ପାଇବେ 'ଜଗନ୍ନାଥ ରଥ ଖଦୀ ସମ୍ମାନ'

**କଟକ,୩୦।୧୨(ସମିସ):** ଆସନ୍ତା ଜାନୁଆରୀ ୩ ତାରିଖ ସନ୍ଧ୍ୟାରେ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ବିଶିଷ୍ଟ ସର୍ବୋଦୟ ସାଧକ ତଥା ଜନସେବକ କୈଳାଶଚନ୍ଦ୍ର ସାହୁଙ୍କୁ ମର୍ଯ୍ୟାଦାଜନକ "ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ରଥ ଖଦୀ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଜଗନ୍ନାଥ ରଥ ସ୍ମାରକୀ ସମିତି ଏବଂ ଉତ୍କଳ ଗାନ୍ଧୀ ସ୍ମାରକ ନିଧିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଶ୍ରୀ ସାହୁଙ୍କୁ ତାଙ୍କର ଖଦୀ ପ୍ରତି ସମର୍ପିତ ଦୀର୍ଘ ବର୍ଷର ନିରଳସ ଜୀବନ ନିମନ୍ତେ ସମ୍ମାନିତ କରାଯିବ। ବର୍ତ୍ତମାନ କୈଳାଶ ସାହୁ ଅନୁଗୋଳର ଐତିହାସିକ ବାଜି ରାଉତ ଛାତ୍ରାବାସର ପରିଚାଳକ ଭାବେ କାର୍ଯ୍ୟରତ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ରଥ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, କୃପାସିନ୍ଧୁ ହୋତା, ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଏବଂ ମା' ରମାଦେବୀଙ୍କ ଭଳି ବରେଣ୍ୟ ନେତାମାନଙ୍କର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ସେ କୁହୁଡ଼ି ଲବଣ ସତ୍ୟାଗ୍ରହର ଅନ୍ୟତମ ନାୟକ ଥିଲେ। ଜଣେ ନିଷ୍ଠାପର ମୁକ୍ତି ସଂଗ୍ରାମୀ ଭାବେ ସେ ଓଡ଼ିଶାରେ ଉତ୍କଳମଣିଙ୍କ ଦେହାନ୍ତ ପରେ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ପ୍ରତିଷ୍ଠା କରିଥିଲେ। ଏହି ସଂଘ ସମଗ୍ର ଓଡ଼ିଶାରେ ଖଦୀ ଆନ୍ଦୋଳନକୁ ବ୍ୟାପକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସନ୍ଧ୍ୟାରେ ହେବାକୁ ଥିବା ଏହି ଉତ୍ସବରେ ବହୁ ବିଶିଷ୍ଟ ସଂଗ୍ରାମୀ, ବୁଦ୍ଧିଜୀବୀ ଓ ସର୍ବୋଦୟ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଯୁବକଙ୍କ ଆତ୍ମହତ୍ୟା

**ତ୍ରିଶୂଳିଆ,୩୦।୧୨(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଗ୍ରାମରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯୁବକ ଜଣଙ୍କ ଗୋଡିସାହି ଗ୍ରାମର ନରେନ୍ଦ୍ର ପ୍ରତାପ ଓଝା (୨୬) ବୋଲି ଜଣାପଡିଛି। ନରେନ୍ଦ୍ର ପ୍ରତ୍ୟେକ ଦିନ ପରି ସୋମବାର ରାତିରେ ଖାଇବା ପରେ ତାଙ୍କର ଶୋଇବା ଘରକୁ ଯାଇ ଭିତରୁ କବାଟ ବନ୍ଦ କରି ଶୋଇଥିଲେ। ମଙ୍ଗଳବାର ସକାଳୁ ବହୁତ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ଯାଇଥିଲେ ସେଠାରେ ନରେନ୍ଦ୍ର ଘର ଭିତରେ ଏକ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲି ପଡିଥିଲେ। ନରେନ୍ଦ୍ରକୁ କଟକ ବଡ଼ ଡ଼ାକ୍ତରଖାନାରେ ଡାକ୍ତର ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମାଣିଆବନ୍ଧ କ୍ରିକେଟ କ୍ଲବ୍‌କୁ ହରାଇ ବଡମ୍ବା କ୍ରିକେଟ କ୍ଲବ୍ ଚାମ୍ପିଅନ



**ଆଠଗଡ,୩୦।୧୨(ସମିସ):** ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ ଷ୍ଟାଡିୟମଠାରେ ଅନୁଷ୍ଠିତ ୨ୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ମାଣିଆବନ୍ଧ କ୍ରିକେଟ କ୍ଲବକୁ ୭ ୱିକେଟରେ ପରାସ୍ତ କରି ବଡ଼ମ୍ବା କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ଧୂଆଁଧାର ଶତକ ପାଇଁ ବଡ଼ମ୍ବା ଦଳର ଦେବୀ ପ୍ରସାଦ ବସନ୍ତରାଙ୍କୁ ଫାଇନାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସମସ୍ତ ମ୍ୟାଚ୍ ଉନ୍ନତ ପ୍ରଦର୍ଶନ ପାଇଁ ବଡ଼ମ୍ବା ଦଳର ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ସେହିପରି ମାଣିଆବନ୍ଧ ଦଳ ଜଟାଧାରୀ ରାଉତଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଓ ଆକାଶ ପରିଡାଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚକୁ ଅମ୍ପାୟର ଭାବେ ସୌମ୍ୟରଞ୍ଜନ ଲେଙ୍କା ଓ ଶରତ ବେହେରା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ସଦାନନ୍ଦ ପଟ୍ଟନାୟକ, କ୍ରୀଡା ସଂଗଠକ ପ୍ରଭାକର ପଟ୍ଟନାୟକ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିବା ସହିତ ବରିଷ୍ଠ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଷ୍ଟାର କ୍ଲବ୍ ସଭାପତି ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ଅଜିତ୍ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କଲେ ବିଭାଗୀୟ ନିର୍ଦ୍ଦେଶକ

**ବଡ଼ମ୍ବା,୩୦।୧୨(ସମିସ):**

ବଡ଼ମ୍ବା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଜନାର କାର୍ଯ୍ୟକାରିତା ଓ ବାସ୍ତବ ସ୍ଥିତି ପରଖିବା ପାଇଁ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏକ ଗୁରୁତ୍ୱପୂର୍ଣ୍ଣ ଗସ୍ତ କରିଛନ୍ତି। ସ୍ଥାନୀୟ ବିଧାୟକ

## ଜଳ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ଦାବି



ବିଜୟ କୁମାର ଦଳବେହେରାଙ୍କ ଅନୁରୋଧ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକଙ୍କ ନିର୍ଦ୍ଦେଶକ୍ରମେ ଏହି ପରିଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁରକ୍ଷିତ ପାନୀୟ ଜଳ ଯୋଗାଣ ଅଭିଯାନକୁ ତ୍ୱରାନ୍ୱିତ କରିବା ଏବଂ ହର ଘର ଜଳ ପ୍ରମାଣପତ୍ର ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ୩୧୭ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଠିକା ସଂସ୍ଥା ଏଲ୍ ଆଣ୍ଡ ଟି ୨୦୧୮ ରୁ କାମ ଆରମ୍ଭ କରି ୨୦୨୦ ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ରହିଥିଲା। ମାତ୍ର ଧାର୍ଯ୍ୟ ସମୟର ୫ ବର୍ଷ ବିତିଯାଇଥିଲେ ମଧ୍ୟ ବଡ଼ମ୍ବା ବ୍ଲକର ଅନେକ ସାହି ଓ ପଞ୍ଚାୟତରେ ପାଣି ପହଞ୍ଚି ପାରିନାହିଁ। କିଛି ଗ୍ରାମରେ ପାଇପ୍ ବିଛା ହୋଇ ନଳ ଲାଗିଥିଲେ ହେଁ ଟୋପାଏ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳରେ ପାଣି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗୋଟିଏ ଦିନ ପାଣି ଦେଇ ତିନି ଦିନ ବନ୍ଦ ରଖାଯାଉଥିବାରୁ କଣ୍ଟା, ବିଶ୍ୱନାଥପୁର, ରତାପାଟ, ଗୋପାଳପୁର ଓ ମଙ୍ଗରାଜପୁର ଭଳି ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ବେଲିଆପାଳ, ଇଛାପୁର ଓ ବଡ଼କମ୍ବିଲୋ ଗ୍ରାମରେ ଗତ ୫ ଦିନ ହେବ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ଇଆଇସି ରତ୍ନାକର ସିଆଲ ଏବଂ ବିଭାଗୀୟ ଯନ୍ତ୍ରୀମାନେ ବିଭିନ୍ନ ପଞ୍ଚାୟତ ବୁଲି ସମସ୍ୟାର ଅନୁଧ୍ୟାନ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କୁ ସମୟସୀମା ମଧ୍ୟରେ ବାକି ରହିଥିବା ପ୍ରକଳ୍ପ ସମାପ୍ତ କରିବାକୁ ଏବଂ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି କରୁଥିବା ତ୍ରୁଟିଗୁଡ଼ିକୁ ତୁରନ୍ତ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ବିଧାୟକ ଶ୍ରୀ ଦଳବେହେରା ଦୃଢ଼ ଦାବି କରିଛନ୍ତି।

# ଅଚଳକୋଟରେ ହାତୀ ଆତଙ୍କ

**ତିଗିରିଆ,୩୦।୧୨(ସମିସ):** ତିଗିରିଆ ବ୍ଲକ ଉପାନ୍ତ ଅଚଳକୋଟ, ଭିରୁଡା, ନିଜିଗଡ୍, ପାଞ୍ଚଗାଁର ବିଭିନ୍ନ ସ୍ଥାନରେ ଏବେ ହାତୀ ଆତଙ୍କ ସୃଷ୍ଟି ହୋଇଛି। ଅଚଳକୋଟ ଓ ଭିରୁଡ଼ା ଗ୍ରାମରେ ଗୋଟିଏ ହାତୀ ଦିନ ଦ୍ୱିପ୍ରହରରେ ଗାଁ ମଝିରେ ବୁଲୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅଚଳକୋଟ ପଞ୍ଚାୟତସ୍ଥିତ ବଡେଇ ଚବକା ଖେଳ ପଡ଼ିଆରେ କ୍ରିକେଟ ପ୍ରତିଯୋଗିତା ପାଇଁ ଶତାଧିକ ଜନସାଧାରଣ ଓ ଖେଳାଳି ପଡ଼ିଆରେ ଉପସ୍ଥିତ ଥିବାବେଳେ ହାତୀଟି ଉକ୍ତ ଖେଳ ପଡିଆ ମଧ୍ୟରେ ପଶି ନିକଟରେ ଥିବା ମୁଣ୍ଡିଆକୁ ଯାଇଥିଲା। ଗତକାଲି ରାତିରେ ଅଚଳକୋଟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବେଳେ ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର କାକୁଡି ବିଲରେ ପଶି ସବୁ କାକୁଡି ନଷ୍ଟ କରିଦେଇଥିବା ସୂଚନା ମିଳିଛି। ହାତୀଟି ଗତକାଲି ସକାଳେ ଭିରୁଡ଼ା ପଞ୍ଚାୟତସ୍ଥିତ ଭିରୁଡ଼ା ଗ୍ରାମରେ ସକାଳେ ଗ୍ରାମ ମଧ୍ୟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଥିଲେ। ହାତୀଟି ଦିନ ଦ୍ୱିପ୍ରହରରେ ଏଭଳି ଜନବସତି ମଧ୍ୟରେ ବୁଲିବା ଓ ଫସଲ ନଷ୍ଟ କରିବା ଭଳି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ବନବିଭାଗର ନିରବତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ବନବିଭାଗ ପକ୍ଷରୁ ହାତୀଟିକୁ ଜଙ୍ଗଲ ମଧ୍ୟକୁ ପଠାଇବାର ବ୍ୟବସ୍ଥା ଗ୍ରହଣ ସହ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



